ଭାରତୀୟ ଜନତା ପାର୍ଟି, ଓଡିଶା

# ରାଜ୍ୟ ସରକାର ତେଲ ଉପରୁ ଭ୍ୟାଟ କମ ନକରିବା ଦୁର୍ଭାଗ୍ୟଜନକ : ବିଜେପି

- ନବୀନ ସରକାରଙ୍କ କୁମ୍ଭୀର କାନ୍ଦଣା ପଦାରେ ପଡିଲା
- ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ
- ଗାଁ ଗାଁରୁ ଆନ୍ଦୋଳନ ପାଇଁ ଚେତାବନୀ

**ଭୁବନେଶ୍ୱର, ତା.୦୫/୧୦:** କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ୨.୫୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଥିବା ବେଳେ ରାଜ୍ୟ ସରକାର ତୁରନ୍ତ ଟ୍ୟାକ୍ସ ଛାଡ କରିବା ପାଇଁ ଦାବି କରିଛି ରାଜ୍ୟ ବିଜେପି । ଏନେଇ ଦଳ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଛି ।

ତେଲ ଦର ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପଡୁଥିବା ବେଳେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ୨.୫୦ ଟଙ୍କା ଉତ୍ପାଦ ଶୁଳ୍କ କମ୍ କରିଛନ୍ତି । ଅନରୂପ ଭାବେ ଟ୍ୟାକ୍ସ ଛାଡିବା ପାଇଁ ରାଜ୍ୟ ମାନଙ୍କୁ ଅନୁରୋଧ କରାଯାଇଛି । ଏହି କ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ଅନୁରୋଧ ରକ୍ଷାକରି ଅଧିକାଂଶ ରାଜ୍ୟ ତୁରନ୍ତ ଟ୍ୟାକ୍ସ ଛାଡ କରିଥିବା ବେଳେ ଓଡିଶା ସରକାର ଏ ଯାଏଁ ଟ୍ୟାକ୍ସ ଛାଡ ନକରିବା ଦୁର୍ଭାଗ୍ୟଜନକ ବୋଲି ପାର୍ଟୀ ତରଫରୁ କୁହାଯାଇଛି ।

ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ, ନବୀନ ସରକାରର କୁମ୍ଭୀର କାନ୍ଦଣା ଆଜି ପଦାରେ ପଡିଯାଇଛି । ସବୁବେଳେ ସାଧାରଣ ଲୋକଙ୍କ କଥା କହି ଗଳା ଫଟାଇ ଚିତ୍କାର କରୁଥିବା ବିଜେଡି ସରକାର ଏତେବେଳେ ଯାଏଁ ନିଷ୍ପତି ନନେବା ସରକାରଙ୍କ ଅସଲମୁଖାକୁ ପଦାରେ ପକାଇ ଦେଇଛି ।

ରାଜ୍ୟ ସରକାର ଯଦି ତୁରନ୍ତ ଟ୍ୟାକ୍ସ ଛାଡ ନକରନ୍ତି ଏହାକୁ ନେଇ ଆଗାମୀ ଦିନରେ ଗାଁ ଗାଁରେ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଆଜିର ଏହି ବିକ୍ଷୋଭରେ ରାଜ୍ୟ ଉପ ସଭାପତି ସମୀର ମହାନ୍ତି, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଓ ଗୋଲକ ପ୍ରସାଦ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମୀୟ ଦାଶ, ଜଗନ୍ନାଥ ପ୍ରଧାନ, ସୁକାନ୍ତ ପାଣିଗ୍ରାହୀ, ଭୁବନେଶ୍ୱର ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ସୁରଥ ବିଶ୍ୱାଳ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଏବଂ ଯୁବ କାର୍ଯ୍ୟକର୍ତା ସାମିଲ ହୋଇଥିଲେ ।

**(ବିଜେପି ମିଡିଆ ସେଲ୍)**